अର୍ଜୁନ ଏବଂ ଅନ୍ୟମାନେ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ମଇ 2,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ମହାରାଷ୍ଟ୍ର ଜମି ସୀମା ଅଧିନିୟମ:*

*ସର୍ବାଧିକ ସୀମା ମଧ୍ୟରେ ଜମି ମାଲିକ -- ବଳକା ଜମିର ଆବଣ୍ଟନ-- ଏହାର ବୈଧତା ।*

**ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ ଉତ୍ତରଦାତାମାନେ ସର୍ବାଧିକ ସୀମା ମଧ୍ୟରେ ଥିବାରୁ ସେମାନଙ୍କୁ ବଳକା ଜମି ଆବଣ୍ଟନ କରିବା ବେଆଇନ ଥିଲା । ଏହି ନ୍ୟାୟାଳୟରେ ଏହା ନିର୍ଦ୍ଦିଷ୍ଟ ଭାବେ ନିବେଦନ କରାଯାଇଥିଲା ଯେ ଉତ୍ତରଦାତାମାନଙ୍କୁ ବଳକା ଧାରକ ଭାବେ ଘୋଷଣା କରାଯାଉ ଏବଂ ଅତିରିକ୍ତ ଜମିକୁ ଆବେଦନକାରୀମାନଙ୍କୁ ପ୍ରଦାନ କରାଯାଉ ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ଉଭୟ ପକ୍ଷଙ୍କୁ ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଫେରସ୍ତ ସହିତ ଉକ୍ତ ଫେରସ୍ତର ଏକ ପ୍ରମାଣୀକୃତ ନକଲ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା କିନ୍ତୁ ସେମାନେ ବିଫଳ ହୋଇଥିଲେ । ସେହି ବିଷୟର ପ୍ରସଙ୍ଗରେ, ଉଠାଯାଇଥିବା କାରଣ ନିର୍ବିବାଦିତ ହୋଇ ରହିଛି । ତଦନୁସାରେ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରିଦିଆଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 2446/1978

11.7.78 ତାରିଖରେ, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଏଫ୍.ଏ. ସଂଖ୍ୟା 155/1971 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଆସିଛି ।

ପି. ଏଚ. ପାରେଖ ଆବେଦନକାରୀଙ୍କ ପାଇଁ ।

ଡ. ଏନ୍. ଏନ୍. ଘାଟଟେ ଏବଂ ଏସ୍. ଭି. ଦେଶପାଣ୍ଡେ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଏହି ଆଧାରରେ ମଞ୍ଜୁର କରିଥିଲେ ଯେ ବ୍ୟକ୍ତିଗତ ଉତ୍ତରଦାତାମାନେ ସର୍ବାଧିକ ସୀମା ମଧ୍ୟରେ ଅଛନ୍ତି, ତେଣୁ ଉତ୍ତରଦାତାମାନଙ୍କୁ ବଳକା ଜମି ଆବଣ୍ଟନ କରିବା ବେଆଇନ ଅଟେ । ସ୍ୱତନ୍ତ୍ର ଅନୁମତି ଆବେଦନର କାରଣ ସଂଖ୍ୟା 5 ରେ ଏହା ନିର୍ଦ୍ଦିଷ୍ଟ ଭାବରେ ଯୁକ୍ତି କରାଯାଇଥିଲା ଯେ ଉତ୍ତରଦାତାମାନଙ୍କୁ ବଳକା ଧାରକ ବୋଲି ଘୋଷଣା କରାଯାଇଛି ଏବଂ ଅତିରିକ୍ତ ଜମିକୁ ଆବେଦନକାରୀମାନଙ୍କୁ ଆବଣ୍ଟନ କରାଯାଇଥିଲା । ମାର୍ଚ୍ଚ 22,1995 ତାରିଖର ଆଦେଶ ଅନୁଯାୟୀ, ଆମେ ଉଭୟ ପକ୍ଷଙ୍କୁ ଉତ୍ତରଦାତାମାନଙ୍କ ଦ୍ୱାରା କରାଯାଇଥିବା ଫେରସ୍ତକୁ ଦାଖଲ କରିବାକୁ ନିର୍ଦ୍ଦେଶ

ଦେଇଥିଲୁ । ଆବେଦନକାରୀମାନଙ୍କୁ ଉକ୍ତ ଫେରସ୍ତର ପ୍ରମାଣୀକୃତ ନକଲ ତଥା ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ ହୋଇଥିବା ଫେରସ୍ତର ନକଲ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଡକ୍ଟର ଏନ୍. ଏନ୍. ଘାଟଟେ କହିଛନ୍ତି ଯେ ବିଦ୍ୱାନ ନିର୍ଦ୍ଦେଶ ଦେଉଥିବା ଓକିଲ ଶ୍ରୀ ଏସ୍. ଭି. ଦେଶପାଣ୍ଡେଙ୍କ ମାଧ୍ୟମରେ ପକ୍ଷଙ୍କୁ ଲେଖିଥିବା ଚିଠିର ସେ କୌଣସି ପ୍ରତିକ୍ରିୟା ପାଇନାହାନ୍ତି । ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ପାରେଖ କହିଛନ୍ତି ଯେ ସେମାନେ ପ୍ରମାଣୀକୃତ ନକଲ ସଂଗ୍ରହ କରିପାରି ନାହାନ୍ତି ।

ସେହି ବିଷୟର ପ୍ରସଙ୍ଗରେ, କାରଣ ସଂଖ୍ୟା 5 ନିର୍ବିବାଦିତ ହୋଇ ରହିଛି । ସେହି ସର୍ତ୍ତାବଳୀ ଅନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଯାଇଛି । ଯଦି ଉତ୍ତରଦାତାମାନଙ୍କୁ ସର୍ବାଧିକ ସୀମା ମଧ୍ୟରେ ଥିବା ଘୋଷଣା କରାଯାଏ, ତେବେ ଆଜିଠାରୁ ଦୁଇ ମାସ ମଧ୍ୟରେ ଏକ ପୁନର୍ବିଚାର ଆବେଦନ ଦାଖଲ କରିବାକୁ ସେମାନଙ୍କୁ ସ୍ୱାଧୀନତା ଦିଆଯାଇଛି । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।